ବୀରେନ୍ଦ୍ର କୁମାର ଦୁବେ ଏବଂ ଅନ୍ୟଜଣେ

ବନାମ

ଗିରିଜା ନନ୍ଦନ୍ ଦୁବେ ଏବଂ ଅନ୍ୟମାନେ

ଅଗଷ୍ଟ 31, 2001

[ ସୟଦ ଶାହ ମହମ୍ମଦ କାଦରୀ ଏବଂ ଏସ୍. ଏନ୍. ଫୁକାନ,ନ୍ୟାୟମୂର୍ତ୍ତିଦ୍ୱୟ ]

*ଦେୱାନୀ କାର୍ଯ୍ୟବିଧି ସଂହିତା , 1908:*

*ଧାରା 100 ଏବଂ 101- ଦ୍ୱିତୀୟ ଆବେଦନ - ଉଚ୍ଚ ନ୍ୟାୟାଳୟ ଗୁରୁତ୍ବପୂର୍ଣ୍ଣ ବିଧିଗତ ପ୍ରଶ୍ନ ପ୍ରସ୍ତୁତ ନକରି ତଥ୍ୟ ଆଧାରରେ ଦ୍ୱିତୀୟ ଆବେଦନ ର ନିଷ୍ପତ୍ତି ନେବା, ଏବଂ ପ୍ରଥମ ଅପିଲୀୟ ନ୍ୟାୟାଳୟଙ୍କର ରାୟ ଏବଂ ଡିକ୍ରୀକୁ ଅଗ୍ରାହ୍ୟ କରି- ନିର୍ଣ୍ଣିତ ଯେ, ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଆବେଦନ କୁ ସେତେବେଳେ ଗ୍ରହଣ କରିପାରିବେ ଯେତେବେଳେ ପ୍ରଥମ ଅପିଲୀୟ ନ୍ୟାୟଳୟଙ୍କ ଡିକ୍ରିରୁ ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍ପନ୍ନ ହୁଏ- ଦ୍ୱିତୀୟ ଆବେଦନ ଉଚ୍ଚ ନ୍ୟାୟାଳୟଙ୍କର ନଥିରେ ପୁନଃସ୍ଥାପନ ହେବ - ଉଚ୍ଚ ନ୍ୟାୟାଳୟ ରାୟ ପ୍ରଦାନ କରିବେ ଯେ ପ୍ରଥମ ଅପିଲୀୟ ନ୍ୟାୟାଳୟର ରାୟ ଏବଂ ଡିକ୍ରୀରୁ ଆଇନର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍ପନ୍ନ ହୁଏ କି ନାହିଁ ଏବଂ, ଯଦି ହଁ, ପ୍ରଶ୍ନ ପ୍ରସ୍ତୁତ କରିବେ ଏବଂ ସେହି ପ୍ରଶ୍ନର ଫଏସଲା କରିବେ ।*

*ପଞ୍ଚୁଗୋପାଳ ବରୁଆ ଏବଂ ଅନ୍ୟମାନେ ବନାମ ଉମେଶ ଚନ୍ଦ୍ର ଗୋସ୍ୱାମୀ ଏବଂ ଅନ୍ୟମାନେ,[1997] 4* SCC **713; କ୍ଷିତେଶ ଚନ୍ଦ୍ର ପ୍ରକାଶ** *ବନାମ ସନ୍ତୋଷ କୁମାର ପ୍ରକାଶ ଏବଂ ଅନ୍ୟମାନେ,[1997] 5 SCC 438;* ତହସିଲଦାର **ଏବଂ ଅନ୍ୟମାନେ ବନାମ** ଜି. *ଭି. ଗୋପାଳକୃଷ୍ଣପ୍ପା ଏବଂ ଅନ୍ୟମାନେ, (25.9.2000 ରେ ନିଷ୍ପାଦିତ) ଏବଂ ଦିୟାମପ୍ପା ଏଚ୍. ଗୋଣ୍ଡର* ବନାମ **ଗଣେଶପ୍ପା ଇ. ଏସ୍. ସୁଦାମ୍ବି** ଏବଂ *ଅନ୍ୟଜଣ, [2001] Vol. 6 SCC 768.*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 6060/2001 ।

ଦ୍ୱିତୀୟ ଆବେଦନ ସଂଖ୍ୟା 353/1993ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର 16.5.2000 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଅତୁଲ କୁମାର ସିହ୍ନା ଏବଂ ଦେବେନ୍ଦ୍ର ସିଂହ ।

ଉତ୍ତରଦାତାମାନଙ୍କ ପାଇଁ ଏସ୍. କେ. ସିହ୍ନା ।

ନ୍ୟାୟାଳଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ପକ୍ଷମାନଙ୍କ ତର୍ଫରୁ ବିଦ୍ୱାନ ଓକିଲ ମାନଙ୍କୁ ଶୁଣାଯାଇଥିଲା ।

ବିଳମ୍ବକୁ କ୍ଷମା କରାଯାଇଛି ।

ଅନୁମତି ମଞ୍ଜୁର ହୋଇଛି ।

ଏହି ଆବେଦନ ପାଟନା ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଡିକ୍ରି ବିରୁଦ୍ଧରେ 16 ମେ, 2000 ତାରିଖର ଦ୍ୱିତୀୟ ଆବେଦନ ସଂଖ୍ୟା 353/1993 ଦ୍ୱାରା ନିର୍ଦ୍ଦେଶିତ ହୋଇଛି । ଆକ୍ଷେପିତ ରାୟ ଦ୍ୱାରା, ଉଚ୍ଚ ନ୍ୟାୟାଳୟ ପ୍ରଥମ *ଅପିଲୀୟ* ନ୍ୟାୟାଳୟଙ୍କର ରାୟ ଏବଂ ଡିକ୍ରୀକୁ ବାତିଲ କରିଦେଇଥିଲେ ଏବଂ ବିଚାରଣ ନ୍ୟାୟାଳୟଙ୍କର ଡିକ୍ରିକୁ ପୁନଃସ୍ଥାପିତ କରିଥିଲେ ।

ରାୟର ଅନୁଶୀଳନରୁ ଜଣାପଡ଼େ ଯେ ଦ୍ୱିତୀୟ ଆପିଲର ସମାଧାନ କରିବା ଉଚ୍ଚ ନ୍ୟାୟାଳୟ କୌଣସି ଗୁରୁତ୍ୱପୂର୍ଣ୍ଣ ବିଧିଗତ ପ୍ରଶ୍ନ ପ୍ରସ୍ତୁତ କରିନାହାଁନ୍ତି । ଏହି ନ୍ୟାୟାଳୟ *ପଞ୍ଚୁଗୋପାଳ ବରୁଆ ଏବଂ ଅନ୍ୟମାନେ , ବନାମ ଉମେଶ ଚନ୍ଦ୍ର ଗୋସ୍ୱାମୀ ଏବଂ ଅନ୍ୟମାନେ,* [1997] *4 SCC 713; କ୍ଷିତେଶ ଚନ୍ଦ୍ର ପରକୈତ ବନାମ ସନ୍ତୋଷ କୁମାର ପରକୈତ ଏବଂ ଅନ୍ୟମାନେ, [1997] 5 SCC 438; ତହସିଲଦାର ଏବଂ ଅନ୍ୟମାନେ, ଭି. ଜି.ଭି. ଗୋପାଳକୃଷ୍ଣପ୍ପା ଏବଂ ଅନ୍ୟମାନେ, 25.9.2000 ରେ ଏବଂ 28.9.2000 ରେ ନିଷ୍ପାଦିତ ହୋଇଥିବା ଦ୍ୟାମପ୍ପା ଏଚ୍. ଗୋଣ୍ଡାର ବନାମ ଗଣେଶପ୍ପା ଏସ୍. ସୁଦାମ୍ବୀ ଏବଂ ଅନ୍ୟମାନେ, ମାମଲା ଅନୁଯାୟୀ ନିର୍ଣ୍ଣିତ ଯେ ଧାରା 100 ଏବଂ 101 C.P.C. ର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ କେବଳ* ସେତେବେଳେ ଦ୍ୱିତୀୟ ଅପିଲକୁ ଗ୍ରହଣ କରିପାରିବେ ଯେତେବେଳେ ପ୍ରଥମ ଅପିଲୀୟ ନ୍ୟାୟାଳୟଙ୍କର ରାୟରୁ ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ । ଯେହେତୁ ଉଚ୍ଚ ନ୍ୟାୟାଳୟ ଏପରି ଏକ ପ୍ରଶ୍ନ ପ୍ରସ୍ତୁତ କରିନାହାନ୍ତି, କିନ୍ତୁ ତଥ୍ୟ ଆଧାରରେ ଦ୍ୱିତୀୟ ଆବେଦନ ର ନିଷ୍ପତ୍ତି ନେଇଛନ୍ତି ଏବଂ ପ୍ରଥମ ଅପିଲୀୟ ନ୍ୟାୟାଳୟଙ୍କର ରାୟ ଏବଂ ଡିକ୍ରୀକୁ ଖାରଜ ଦେଇଛନ୍ତି, ତେଣୁ ଆମ ନିକଟରେ

ରାୟ ଏବଂ ଡିକ୍ରୀକୁ ଖାରଜ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ଏବଂ ଆଇନ ଅନୁଯାୟୀ ସଦ୍ୟ ସମାଧାନ ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଛି ।

ଆବେଦନର ରାୟ ଏବଂ ଡିକ୍ରିକୁ ଖାରଜ କରିଦିଆଯାଇଛି, ଦ୍ୱିତୀୟ ଆବେଦନ ଉଚ୍ଚ ନ୍ୟାୟାଳୟଙ୍କର ନଥିକୁ ପୁନଃସ୍ଥାପନ କରାଯାଇଛି । ପ୍ରଥମ ବିଚାର ବିଭାଗୀୟ ନ୍ୟାୟାଳୟଙ୍କ ରାୟରୁ ଆଇନର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି କି ନାହିଁ ତାହା ଉଚ୍ଚ ନ୍ୟାୟାଳୟ ଏବେ ବିଚାର କରିବେ ଏବଂ ଯଦି ହଁ, ତେବେ ପ୍ରଶ୍ନ ପ୍ରସ୍ତୁତ କରି, ସେହି ପ୍ରଶ୍ନ ଆଧାରରେ ଆପିଲର ଫଏସଲା କାରିବେ । ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏଫ୍. ଆର୍. ପି. ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।